## ବକେୟା ଭତ୍ତା ପ୍ରଦାନ ଦାବିରେ

# ରାଜରାସ୍ତାକୁ ଓହ୍ଲାଇଲେ ବୃଦ୍ଧବୃଦ୍ଧା ଓ ଦିବ୍ୟାଙ୍ଗ






ତିଗିରିଆ/ଆଠଗଡ଼, ୯।୬(ସମିସ):

ରାଜ୍ୟ ସରକାରଙ୍କ ଡିବିଟି ବ୍ୟବସ୍ଥାରେ ସଂଶୋଧନ ଯୋଗୁଁ କ୍ରମାଗତ ୨ ରୁ ୩ ମାସ ଧରି ବ୍ୟାଙ୍କ ଖାତା ମାଧ୍ୟମରେ ମିଳୁଥିବା ସାମାଜିକ ସୁରକ୍ଷା ଭତ୍ତା ପାଇବାରୁ ବଞ୍ଚିତ ହୋଇ ହଜାର ହଜାର ଅସହାୟ ହିତାଧିକାରୀ ବର୍ତ୍ତମାନ ଗଭୀର ଆର୍ଥିକ ସଙ୍କଟ ଦେଇ ଗତି କରୁଛନ୍ତି। ଏହାର ପ୍ରତିବାଦରେ ଏବଂ ତୁରନ୍ତ ବକେୟା ଭତ୍ତା ପ୍ରଦାନ ଦାବିରେ ଆଜି ତିଗିରିଆ ଓ ଆଠଗଡ଼ ଠାରେ ଶତାଧିକ ବୃଦ୍ଧ, ବୃଦ୍ଧା ଓ ଦିବ୍ୟାଙ୍ଗ ହିତାଧିକାରୀ ଜନପ୍ରତିନିଧିମାନଙ୍କ ସହ ରାସ୍ତାକୁ ଓହ୍ଲାଇବା ସହିତ ପ୍ରଶାସନିକ କାର୍ଯ୍ୟାଳୟ ସମ୍ମୁଖରେ ବିଶାଳ ଗଣଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ତିଗିରିଆ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜିତ ଧାରଣାରେ ହିତାଧିକାରୀମାନେ କ୍ଷୋଭର ସହ ପ୍ରକାଶ କରିଛନ୍ତି ଯେ, ପୂର୍ବ ସରକାରଙ୍କ ସମୟରେ ବିନା କୌଣସି ସମସ୍ୟାରେ ହାତ ପାଆନ୍ତାରେ ନିୟମିତ ଭତ୍ତା ଟଙ୍କା ମିଳିଯାଉଥିଲା, ମାତ୍ର ବର୍ତ୍ତମାନର ସରକାରଙ୍କ ସମୟରେ ମାସ ମାସ ଧରି ଭତ୍ତା ନ ମିଳିବା ଦ୍ୱାରା ପାନ ଖାଇବା କିମ୍ବା ଔଷଧ କିଣିବାକୁ ପାଖରେ ପଇସାଟିଏ ନାହିଁ। ଅସହାୟ ଗରିବ ଲୋକଙ୍କ ଏହି ଅଭିଶାପରେ ସରକାରଙ୍କ ପତନ ହେବ ବୋଲି ସେମାନେ ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ତିଗିରିଆର ଅତିରିକ୍ତ ବିଡ଼ିଓ ଯାଜ୍ଞସିନୀ ଗୋଚ୍ଛାୟତଙ୍କୁ ପ୍ରଦାନ କରାଯାଇଛି। ଏହି ଆନ୍ଦୋଳନକୁ ସମର୍ଥନ ଜଣାଇ ଆଠଗଡ଼-ତିଗିରିଆ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଧାରଣାସ୍ଥଳରେ ପହଞ୍ଚି ସରକାରଙ୍କ ଉପରେ ପ୍ରବଳ ବର୍ଷିଛନ୍ତି। ସେ କହିଛନ୍ତି ଯେ, ରାଜ୍ୟ ସରକାର ନିଜ ସଫଳତାର ଡିଣ୍ଡିମ ପିଟି ସିନା ପୂର୍ତ୍ତି ଉତ୍ସବ ପାଳନ କରୁଛନ୍ତି, ମାତ୍ର ସମାଜର ସବୁଠାରୁ ଅନଗ୍ରସର ବୃଦ୍ଧ ଓ ଦିବ୍ୟାଙ୍ଗଙ୍କୁ ହକ୍‌ର ଭତ୍ତା ଟଙ୍କା ଦେବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ତିଗିରିଆ ବ୍ଲକରେ ପ୍ରାୟ ୪,୭୬୯ ଜଣ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମର ହିତାଧିକାରୀ ଏବଂ ୯୬୬ ଜଣ ୮୦ ବର୍ଷରୁ ଊର୍ଦ୍ଧ୍ୱ କିମ୍ବା ଗୁରୁତର ଦିବ୍ୟାଙ୍ଗ ବର୍ତ୍ତମାନ ଏହି ସମସ୍ୟା ଭୋଗୁଛନ୍ତି। ଆଜିର ଏହି ଧାରଣାରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ଉପାଧ୍ୟକ୍ଷ ମାନସ କୁମାର ସାହୁ, ଜିଲ୍ଲା ପରିଷଦ ସଭ୍ୟ ସସ୍ମିତା ରାଉତ, ସଞ୍ଜୟ କୁମାର ମଲ୍ଲିକଙ୍କ ସମେତ ସୋମପଡା, ବଡନାଉପୁଟ, ଗଦାଧରପୁର, ପାଞ୍ଚଗାଁ, ଭିରୁଡ଼ା, ପୁରୁଣା ତିଗିରିଆ, ବାଲିପୁଟ, ନୂଆପାଟଣା ଓ ଭୋଗଡାର ସରପଞ୍ଚ ଏବଂ ସମିତି ସଭ୍ୟମାନେ ଉପସ୍ଥିତ ଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ତିଗିରିଆ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

ସେହିପରି ଅନୁରୂପ ଭାବେ ଆଠଗଡ଼ ଏନ୍‌ଏସି ଅଧୀନରେ ଥିବା ପ୍ରାୟ ୧,୧୨୦ ଜଣ ହିତାଧିକାରୀ ବିଗତ ୩ ମାସ ଧରି ଭତ୍ତା ପାଉ ନ ଥିବାରୁ, ଆଜି ଆଠଗଡ଼ ସହର ବିଜେଡି ଓ ହିତାଧିକାରୀଙ୍କ ପକ୍ଷରୁ ଏନ୍‌ଏସି କାର୍ଯ୍ୟାଳୟ ସମ୍ମୁଖରେ ଏକ ବିଶାଳ ଧାରଣା ଦିଆଯାଇଛି। ଭତ୍ତା ପାଇଁ ବାରମ୍ବାର ବ୍ୟାଙ୍କ ଦୌଡ଼ି ନିରାଶ ହେଉଥିବା ଅସହାୟ ଲୋକଙ୍କ ସମସ୍ୟା ପ୍ରତି ପ୍ରଶାସନ ନିରବ ରହିବାକୁ ନେଇ ପରେ ଏକ ଶୋଭାଯାତ୍ରାରେ ଯାଇ ଆଠଗଡ଼ ଉପ-ଜିଲ୍ଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି, ଯାହାକୁ ସହକାରୀ ଜିଲ୍ଲାପାଳ କାଜଲ ସ୍ୱାଇଁ ଗ୍ରହଣ କରିଥିଲେ। ଉକ୍ତ

**● ତିଗିରିଆ ଓ ଆଠଗଡ଼ରେ ବିଜେଡିର ବିଶାଳ ଗଣଧାରଣା**

**● ସରକାରଙ୍କ ଉପରେ ବର୍ଷିଲେ ବିଧାୟକ ରଣେନ୍ଦ୍ର**

ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ରାଉତ, ଉପାଧ୍ୟକ୍ଷ ବି. ଶୁଭ୍ର ଶଙ୍କର ଜ୍ୟୋତି ଏବଂ ସହର ବିଜେଡି ସଭାପତି ଶିଶିର ପ୍ରସାଦ ମାନସିଂହଙ୍କ ନେତୃତ୍ୱରେ ଶତାଧିକ ବିଜେଡି କର୍ମୀ ଓ ହିତାଧିକାରୀ ସରକାର-ବିରୋଧୀ ନାରାବାଜି କରି ବିକ୍ଷୋଭ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ବିଧାୟକ ଶ୍ରୀ ସ୍ୱାଇଁ କହିଛନ୍ତି ଯେ, ପ୍ରଥମେ ମହିଳା, ପରେ ଛାତ୍ରଛାତ୍ରୀ ଏବଂ ଏବେ ବୃଦ୍ଧବୃଦ୍ଧା ଓ ଦିବ୍ୟାଙ୍ଗମାନଙ୍କୁ ନ୍ୟାୟ ଦେବାରେ ସମ୍ପୂର୍ଣ୍ଣ ଫେଲ୍ ମାରିଥିବା ଏହି ନିର୍ଲଜ ସରକାର ଅସହାୟଙ୍କ ଅଭିଶାପରେ ଧ୍ୱଂସ ହୋଇଯିବେ। ପ୍ରତିବାଦ ସଭାରେ ଛାତ୍ର ବିଜେଡ଼ି ସଭାପତି ମହମ୍ମଦ ଖାଲିଦ, କାଉନସିଲର ସିପ୍ରା ଦାସ, ମମତା ଦାସ, ମମତାମୟୀ ସେଠୀ, ଶୈଳବାଳା ସାମନ୍ତ, ପାର୍ବତୀ ରଣା, ଅଶୋକ ବାରିକ, ପ୍ରଶାନ୍ତ ବେହେରା, ସୁଶାନ୍ତ ଜେନା, ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ପ୍ରଦୀପ୍ତ ଦାସ, ଯୁବନେତା ପ୍ରଶାନ୍ତ ରାଉତ ଏବଂ ଅଲୁପ ଦାଶଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ତୁରନ୍ତ ବକେୟା ଭତ୍ତା ପ୍ରଦାନ ନ କଲେ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

## ପ୍ଲାଷ୍ଟିକ ମୁକ୍ତ ଅଭିଯାନ ଓ ଚାରାରୋପଣ



ଟାଙ୍ଗୀ, ୯।୬(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ବିଶ୍ୱାଳି ସ୍ଥିତ ଡାଲମିଆ ସିମେଣ୍ଟ କମ୍ପାନୀ ପରିସରରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ୟୁନିଟ୍ ହେଡ୍ ଦେବୀପ୍ରସାଦ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ରଶ୍ମିତା ପ୍ରିୟଦର୍ଶିନୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ଲାଷ୍ଟିକ ମୁକ୍ତ ଅଭିଯାନ ଓ ଚାରାରୋପଣର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥିଭାବେ ଶୁଭାଶିଷ ମାହିର, ବିଶ୍ୱନାଥ ସେଠୀ ଓ ଏଚଆର ହେଡ୍ ସୁଧିର ରଞ୍ଜନ ମହାନ୍ତି ଗଛ ଲଗାଇଥିଲେ। ଏହି ଅବସରରେ ଚିତ୍ରାଙ୍କନ ଓ ସ୍ଲୋଗାନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ପରିବେଶ ଅଧିକାରୀ ପ୍ରୀୟ ରଞ୍ଜନ ମଲ୍ଲିକ ଓ ଅନ୍ୟ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## କଠିନ ବର୍ଜ୍ୟବସ୍ତୁ ପରିଚାଳନା ବୈଠକ



ଚୌଦ୍ୱାର, ୯।୬(ସମିସ): ବିଶ୍ୱ ପରିବେଶ ଦିବସ ଅବସରରେ ଚୌଦ୍ୱାର ପୌରସଭା ଗୃହରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିୟମ ଓ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ନେଇ ଏକ ବୈଠକ ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପରିମଳ ବିଶେଷଜ୍ଞ ପୀୟୁଷ ସାହୁ ବର୍ଜ୍ୟବସ୍ତୁ ପରିଚାଳନା ଏବଂ ପ୍ରଶାସନର ଦାୟିତ୍ୱ ଉପରେ ବିବରଣୀ ରଖିଥିଲେ। ନିର୍ବାହୀ ଅଧିକାରୀ ସୌମ୍ୟରଞ୍ଜନ ମିଶ୍ର, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ ଓ ପୌରଯନ୍ତ୍ରୀ ପତିତପାବନ ପଟ୍ଟନାୟକଙ୍କ ସମେତ ସମସ୍ତ ପାରିଷଦ ଏହି ସଭାରେ ଉପସ୍ଥିତ ଥିଲେ। ଜନସାଧାରଣଙ୍କ ସଚେତନତା ପାଇଁ ଆସନ୍ତା ୧୨ ତାରିଖ ଯାଏଁ ସହରର ବିଭିନ୍ନ ୱାର୍ଡରେ କାର୍ଯ୍ୟକ୍ରମ ଚାଲିବ ବୋଲି ସୂଚନା ଦିଆଯିବା ସହ ଚାରାରୋପଣ କରାଯାଇଥିଲା।

## କୋଲଣପୁରରେ ସଚେତନତା ଶିବିର



ନିଶ୍ଚିନ୍ତକୋଇଲି, ୯।୬(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ କୋଲଣପୁର ଗ୍ରାମରେ ଯୁବପିଢ଼ିଙ୍କ ସାମଗ୍ରୀକ ବିକାଶ ପାଇଁ ଏକ କ୍ଲବ ଗଠନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। "ପରିବାର' ଅନୁଷ୍ଠାନର ସମ୍ପାଦକ ପ୍ରମୋଦ ନାୟକଙ୍କ ସଂଯୋଜନାରେ ଆୟୋଜିତ ଏହି ସଭାରେ କେନ୍ଦ୍ର ସରକାରଙ୍କ "ମାଇଁ ଭାରତ' ଓଡ଼ିଶା ଶାଖାର ନିର୍ଦ୍ଦେଶକ ଅଶୋକ କୁମାର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଯୁବ ସମାଜକୁ ମାର୍ଗଦର୍ଶନ ଦେଇଥିଲେ। ଏହି ଅବସରରେ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ବିୟୁଟି ନାୟକଙ୍କ ନେତୃତ୍ୱରେ "ବଳଭଦ୍ର ଜୀୟୁ ମହିଳା କ୍ଲବ' ଗଠନ କରାଯିବା ସହ ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇ ପରିବେଶ ସୁରକ୍ଷା ବାର୍ତ୍ତା ଦିଆଯାଇଥିଲା।

## ସରକାରୀ ଠିପି ବନ୍ଦ ମଦ ଦୋକାନରେ ଚାଲିଛି ବାର୍

ସାଲେପୁର, ୯।୬(ସମିସ): ସାଲେପୁରରେ ଥିବା ଏକାଧିକ ସରକାରୀ ଠିପି ବନ୍ଦ ବିଦେଶୀ ମଦ ଦୋକାନ ଏବେ ବାରରେ ପରିଣତ ହୋଇଛି। ସକାଳୁ ରାତି ୧୧ଟା ପର୍ଯ୍ୟନ୍ତ ଖୁଲମଖୁଲା ଭାବେ ଠିପି ବନ୍ଦ ଦୋକାନ ସମ୍ମୁଖରେ ଲୋକମାନେ ମଦ୍ୟପାନ କରି ବହୁ ଅସାମାଜିକ କାର୍ଯ୍ୟ କରୁଥିବା ଅଭିଯୋଗ ହେଉଛି। ସେହିପରି ସାଲେପୁର ଷ୍ଟେଟ୍ ବ୍ୟାଙ୍କ୍ ନିକଟରେ ଥିବା ଏକ ସରକାରୀ ସ୍ୱୀକୃତିପ୍ରାପ୍ତ ଠିପିବନ୍ଦ ମଦ ଦୋକାନରେ ଦିନ ରାତି ପ୍ରତ୍ୟେକ ସମୟରେ ମଦ୍ୟପଙ୍କର ଆଡ୍ଡା ଜମୁଛି। ଏହି ସ୍ଥାନରୁ ଲୋକେ ମଦ୍ୟପାନ କରି ବ୍ୟାଙ୍କ୍‌କୁ ଆସୁଥିବା ଗ୍ରାହକଙ୍କୁ ନିଶାସକ୍ତ ଅବସ୍ଥାରେ ବିଭିନ୍ନ ପ୍ରକାର ଦୁର୍ବ୍ୟବହାର କରିବା ସହ ବହୁ ଲୁଟ୍‌ପାଟ ମଧ୍ୟ କରୁଥିବା ଅଭିଯୋଗ ହେଉଛି। ସାଲେପୁର ଅବକାରୀ ବିଭାଗ ଏ ଦିଗରେ ସବୁ ଜାଣି ନ ଜାଣିଲା ଭଳି ନିରବଦ୍ରଷ୍ଟା ସାଜିଛି। ଠିପି ବନ୍ଦ ଦୋକାନରେ କେହି ମଦ୍ୟପାନ କରିପାରିବେ ନାହିଁ ବୋଲି କଡ଼ା ନିୟମ ଥିଲାବେଳେ ସାଲେପୁର ଷ୍ଟେଟ୍ ବ୍ୟାଙ୍କ୍ ନିକଟରେ ଥିବା ବିଦେଶୀ ମଦ ଦୋକାନ ସମ୍ମୁଖରେ ନିୟମିତ ଶହ ଶହ ସଂଖ୍ୟକ ମଦ୍ୟପ ଖୁଲମଖୁଲା ଭାବରେ ମଦ୍ୟପାନ କରୁଥିବା ଦେଖିବାକୁ ମିଳୁଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଦାବି ହେଉଛି।

## ରାମେଶ୍ୱରରେ ନିର୍ମାଣ ହେବ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ

ସାଲେପୁର, ୯।୬(ସମିସ): ସାଲେପୁର ବ୍ଲକ ରାମେଶ୍ୱର ପଞ୍ଚାୟତରେ ୧୮ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା "ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ'ର ଭିତ୍ତିପ୍ରସ୍ତର ସ୍ଥାପନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଭର୍ଚୁଆଲ୍ ମାଧ୍ୟମରେ କରିଛନ୍ତି। ପ୍ରାଥମିକ ଶିକ୍ଷାର ବିକାଶ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। ଲାଲବାହାଦୂର ଶାସ୍ତ୍ରୀ ସ୍ମୃତି ହାଇସ୍କୁଲ ପରିସରରେ ଆୟୋଜିତ ଏହି ସଭାରେ ଅତିରିକ୍ତ ସିଆଇଓ ମନୋରଞ୍ଜନ ବାରିକଙ୍କ ଅଧ୍ୟକ୍ଷତାରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ଜିଲ୍ଲା ଶିକ୍ଷାଧିକାରୀ ନିତ୍ୟାନନ୍ଦ ବାରିକ, ସଦର ଉପଜିଲ୍ଲାପାଳ ଏବଂ ସ୍ଥାନୀୟ ବ୍ଲକ ପ୍ରଶାସନର ବରିଷ୍ଠ ଅଧିକାରୀ ଓ ଶତାଧିକ ଛାତ୍ରଛାତ୍ରୀ ଯୋଗଦେଇଥିଲେ।

## ରକ୍ତଦାନ ଶିବିର କରି ଜନ୍ମଦିନ ପାଳିଲେ ହିମାଂଶୁ



ସାଲେପୁର, ୯।୬(ସମିସ): ବିଜେପି ଗ୍ରାମୀଣ କଟକ ଜିଲ୍ଲା ଉପସଭାପତି ହିମାଂଶୁ ମହାନ୍ତି ନିଜ ବାସଭବନରେ ଏକ ରକ୍ତଦାନ ଶିବିର ଆୟୋଜନ କରି ନିରାଡ଼ମ୍ବର ଭାବେ ନିଜ ଜନ୍ମଦିନ ପାଳନ କରିଛନ୍ତି। ଏହି ଶିବିରରେ ଶ୍ରୀ ମହାନ୍ତିଙ୍କ ସମେତ ତାଙ୍କ ପତ୍ନୀ ଓ ଝିଅ ମଧ୍ୟ ରକ୍ତଦାନ କରିଥିବା ବେଳେ ସମୁଦାୟ ୬୪ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି। ଜିଲ୍ଲା ସଭାପତି ରାମନାରାୟଣ ମହାନ୍ତି, ପ୍ରଭାରୀ ଅଶୋକ ପଣ୍ଡା ଓ ତ୍ରିଦେବ ବେହେରା ପ୍ରମୁଖ ଯୋଗଦେଇ ତାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିବା ସହ ଶୁଭେଚ୍ଛା ଜଣାଇଥିଲେ। କାର୍ଯ୍ୟକ୍ରମରେ ବହୁ ସ୍ଥାନୀୟ ମାନ୍ୟଗଣ୍ୟ ବ୍ୟକ୍ତି ଓ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

## ବାବା ପରମେଶ୍ୱରଙ୍କ ଶୀତଳଷଷ୍ଠୀ ପ୍ରସ୍ତୁତି



ଟାଙ୍ଗୀ, ୯।୬(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ବ୍ରହ୍ମପୁର ପଞ୍ଚାୟତ ଅନ୍ତର୍ଗତ କମଙ୍ଗ ଗ୍ରାମରେ ଚଳିତ ବର୍ଷ ବାବା ପରମେଶ୍ୱର ଓ ଜଗତଜନନୀ ମା' ପାର୍ବତୀଙ୍କ ପବିତ୍ର ଶୀତଳଷଷ୍ଠୀ ଶିବ ବିବାହ ଉତ୍ସବକୁ ମହାଆଡ଼ମ୍ବରରେ ପାଳନ କରିବା ପାଇଁ ପ୍ରସ୍ତୁତି ଜୋରଦାର ହୋଇଛି। ଏହି ପରିପ୍ରେକ୍ଷୀରେ ଉତ୍ସବର ସୁଚାରୁ ପରିଚାଳନା ନିମନ୍ତେ ସୋମବାର ସନ୍ଧ୍ୟାରେ ଗ୍ରାମ ପରିସରରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନାଗରିକ ଅକ୍ଷୟ କୁମାର ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଆସନ୍ତା ଜୁନ୍ ୧୮ ତାରିଖରେ ମହାପ୍ରଭୁଙ୍କ ଦେବ ବିବାହ ଉତ୍ସବ ସମସ୍ତ ପାରମ୍ପରିକ ରୀତିନୀତି ଅନୁସାରେ ସମ୍ପନ୍ନ କରାଯିବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ହୋଇଛି। ବୈଠକର ନିଷ୍ପତ୍ତି ଅନୁଯାୟୀ, ଚଳିତ ବର୍ଷ ଶିବ ବିବାହରେ ଦେବଦେବ ମହାଦେବଙ୍କ

### କନ୍ୟା ଓ ବର ପିତା ଚୟନ ସହ ଦାୟିତ୍ୱ ବଣ୍ଟନ

ପିତା (ବର ପକ୍ଷ) ଭାବେ ସମାଜସେବୀ ଗଙ୍ଗାଧର ବେହେରା ଦାୟିତ୍ୱ ଗ୍ରହଣ କରିଥିବା ବେଳେ ମା' ପାର୍ବତୀଙ୍କ ପିତା (କନ୍ୟାପକ୍ଷ) ଭାବେ ଉଦ୍ୟାନବିତ୍ ପ୍ରଶାନ୍ତ କୁମାର ବସ୍ତିଆ ଏବଂ ଶିବ ରାମ ପାତ୍ର କନ୍ୟାଦାନର ମହତ ଦାୟିତ୍ୱ ତୁଲାଇବେ ବୋଲି ସ୍ଥିର କରାଯାଇଛି। ଏହି ପବିତ୍ର ଅବସରକୁ ଅଧିକ ସ୍ମରଣୀୟ ତଥା ମାନବ କଲ୍ୟାଣ ଉଦ୍ଦେଶ୍ୟରେ ଉତ୍ସର୍ଗ କରିବା ପାଇଁ "ଟେଟ୍ରାହେଡ୍ରନ ଏଡୁକେସନାଲ ଟ୍ରଷ୍ଟ'ର ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ମଧ୍ୟ ଆୟୋଜନ କରାଯିବ ବୋଲି ଆୟୋଜକ କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଏହି ସାଂଗଠନିକ ପ୍ରସ୍ତୁତି ବୈଠକରେ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି ଧ୍ରୁବ ଚରଣ ବେଉରା, ଗୌରାଙ୍ଗ ଚରଣ ମାଝୀ, ବିଷ୍ଣୁ ଚରଣ ମାଝୀ, ମାନସ ରଞ୍ଜନ ମଲ୍ଲିକ, ମାନସ ରଞ୍ଜନ ବେଉରା, ଅଜୟ କୁମାର ବେହେରା, ଗୌରାଙ୍ଗ ପଲେଇ ଏବଂ ଇନ୍ଦ୍ରମଣି ମହାରଣାଙ୍କ ସମେତ କମଙ୍ଗ ଓ କଉଡ଼ିଆପଡ଼ା ଗ୍ରାମର ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇ ଉତ୍ସବକୁ ଶୃଙ୍ଖଳିତ ଓ ଆକର୍ଷଣୀୟ କରିବା ପାଇଁ ନିଜ ନିଜର ମତାମତ ଉପସ୍ଥାପନ କରିଥିଲେ।

## ସର୍ଦ୍ଦାର ପଟେଲଙ୍କ ୧୫୦ତମ ଜୟନ୍ତୀ

ସାଲେପୁର, ୯।୬(ସମିସ): ସାଲେପୁର ଆଦର୍ଶ ଥାନା ପକ୍ଷରୁ ଆଜି "ସନ୍‌ଡେ ଅନ୍ ସାଇକେଲ' ଏବଂ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ଥାନାଧିକାରୀ ମହେଶ୍ୱର ବେହେରାଙ୍କ ନେତୃତ୍ୱରେ ସାଲେପୁର କଲେଜରୁ ବାହାରିଥିବା ଏକ ସାଇକଲ ଶୋଭାଯାତ୍ରାରେ ୪୦ରୁ ଅଧିକ ଛାତ୍ରଛାତ୍ରୀ, ଜନସାଧାରଣ ଓ ପୁଲିସ କର୍ମଚାରୀ ସାମିଲ ହୋଇ ସାରା ବଜାର ପରିକ୍ରମା କରିଥିଲେ। ପରେ ଥାନା ପରିସରରେ ଲୌହମାନବଙ୍କ ସ୍ମୃତିରେ ଚାରାରୋପଣ କରାଯାଇଥିଲା। ଏହି ଅବସରରେ ପ୍ରଶାନ୍ତ ନାୟକ, ନୀଳମାଧବ ପଣ୍ଡା, ସନ୍ତୋଷ ବେହେରା ଓ ଆଇନଜୀବୀ ବିଜୟ କେତନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟରେ ପରିବେଶ ଦିବସ

ନିଶ୍ଚିନ୍ତକୋଇଲି, ୯।୬(ସମିସ): ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ନିଶ୍ଚିନ୍ତକୋଇଲି ଶାଖା ପକ୍ଷରୁ ସରପଡ଼ା କାର୍ଯ୍ୟାଳୟରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ପରିଷଦ ସଭ୍ୟା ବ୍ରହ୍ମକୁମାରୀ ଜସ୍ମିତା ସେଠୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ନିଶ୍ଚିନ୍ତକୋଇଲି ଥାନା ଆଇଆଇସି ଅନିତା ସାହୁ ମୁଖ୍ୟଅତିଥି ଏବଂ ସାମ୍ବାଦିକ ବଲ୍ଲଭ ଚରଣ ପଲେଇ ମୁଖ୍ୟବକ୍ତା ଭାବେ ଯୋଗଦେଇ ପରିବେଶ ସୁରକ୍ଷା ପାଇଁ ଚାରାରୋପଣର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ମୂଲ୍ୟବାନ ଔଷଧୀୟ ଚାରାରୋପଣ କରାଯିବା ସହ କଳାକାର ଅନିତା କରଙ୍କ ଦ୍ୱାରା ପରିବେଶ ଭିତ୍ତିକ ନୃତ୍ୟ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମକୁ ରାଜଯୋଗୀ ଗୌରୀ ଭଉଣୀ ଓ ସଦସ୍ୟମାନେ ପରିଚାଳନା କରିଥିଲେ।

## ଦେଶୀ ଓ ବିଦେଶୀ ମଦ ଜବତ, ବ୍ୟବସାୟୀ ଗିରଫ

ସାଲେପୁର, ୯।୬(ସମିସ): ସାଲେପୁର ଥାନା ପୁଲିସ ଗତକାଲି ରାତିରେ ଚଢ଼ଉ କରି ବଲ୍ଲଭପୁର ଗ୍ରାମରୁ ପ୍ରାୟ ୪୦ ଲିଟର ଚୋରା ମଦ ଜବତ କରିବା ସହ ଜଣକୁ ଗିରଫ କରିଛି। ଗ୍ରାମର ରାସ୍ତା କଡ଼ରେ ଟୁଙ୍ଗୀ କରି ଚୋରା ମଦ ବିକ୍ରି କରୁଥିବା ବଲ୍ଲଭପୁରର ଦିଲ୍ଲୀପ ଦେହୁରୀଙ୍କ ନିକଟରୁ ୩୨ ଲିଟର ୫୦୦ ମିଲିଲିଟର ବିଦେଶୀ ମଦ ଓ ୭ ଲିଟର ୬୦୦ ମିଲିଲିଟର ଦେଶୀ ମଦ ପୁଲିସ ଜବତ କରିଛି। ଏ ନେଇ ପୁଲିସ ଥାନାରେ ୫୫୩/୨୬ରେ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି।

## ରାଜ୍ୟସ୍ତରୀୟ ପୁରୁଷୋତ୍ତମ ମହୋତ୍ସବ ଉଦ୍‌ଯାପିତ

କିଶନନଗର, ୯।୬(ସମିସ): କଟକ ସଦର ବ୍ଲକର କୋଟୁଆଁ ମେଲଣ ପଡ଼ିଆରେ ନିଖିଳ ଉତ୍କଳ ପ୍ରବକ୍ତା ପରିଷଦ ପକ୍ଷରୁ ଆୟୋଜିତ ସପ୍ତାହବ୍ୟାପୀ ରାଜ୍ୟସ୍ତରୀୟ ପୁରୁଷୋତ୍ତମ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ପରିଷଦର ରାଜ୍ୟ ସମ୍ପାଦକ ପଣ୍ଡିତ ପ୍ରମୋଦ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉତ୍ସବରେ ରାଜ୍ୟର ୨୨ଟି ଜିଲ୍ଲାର ପ୍ରବକ୍ତାମାନେ ଯୋଗଦେଇ ଶ୍ରୀ ଜଗନ୍ନାଥ ସଂସ୍କୃତି ଓ ଭାଗବତ ମହିମା ଉପରେ ପ୍ରବଚନ ଦେଇଥିଲେ। ପଣ୍ଡିତ ଅଭୟ ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ପ୍ରବଚକ ଓ ସାଧୁସନ୍ଥ ସାମିଲ ଥିଲେ। ଅନ୍ତିମ ଦିବସରେ ପ୍ରବକ୍ତା ଓ ବରିଷ୍ଠ ଭକ୍ତମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ଗ୍ରାମବାସୀଙ୍କ ସହଯୋଗରେ ସମଗ୍ର କାର୍ଯ୍ୟକ୍ରମଟି ସଫଳ ହୋଇଛି।



## ପ୍ରାଥମିକ ଶିକ୍ଷକଙ୍କ ପଦୋନ୍ନତି ଯାଞ୍ଚ ଶେଷ

# ରେକର୍ଡ ତ୍ରୁଟି ଯୋଗୁଁ ଅନେକ ଶିକ୍ଷକ ବାଦ୍

ନିଶ୍ଚିନ୍ତକୋଇଲି, ୯।୬(ସମିସ):

ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସ୍ଥାନୀୟ ପ୍ରାଥମିକ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପଦୋନ୍ନତି ନିମନ୍ତେ ଦୀର୍ଘ ୩ ଦିନ ଧରି ଚାଲିଥିବା ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ୍ ଯାଞ୍ଚ ପ୍ରକ୍ରିୟା ସଫଳତାର ସହ ଶେଷ ହୋଇଛି। ତେବେ ଏହି ପ୍ରକ୍ରିୟା ସମୟରେ କେତେକ ଶିକ୍ଷକଙ୍କ ସେବା ପୁସ୍ତିକା ଓ ଅନ୍ୟାନ୍ୟ ଜରୁରୀ ରେକର୍ଡପତ୍ରରେ ବ୍ୟାପକ ତ୍ରୁଟି ବିଚ୍ୟୁତି ପଦାକୁ ଆସିଥିବାରୁ, ଭୟରେ ଅନେକ ଶିକ୍ଷକ ଏହି ଯାଞ୍ଚ ପ୍ରକ୍ରିୟାରେ ଯୋଗ ଦେଇ ନ ଥିବା ଜଣାଯାଇଛି। ମଣ୍ଡଳ ଶିକ୍ଷାଧିକାରିଣୀ (ବିଇଓ) ସଂଯୁକ୍ତା ମହାପାତ୍ରଙ୍କ ସ୍ୱତନ୍ତ୍ର ନିର୍ଦ୍ଦେଶକ୍ରମେ ଏବଂ କାର୍ଯ୍ୟାଳୟର ମୁଖ୍ୟ କିରାଣୀ ଶଶୀକାନ୍ତ ପଣ୍ଡାଙ୍କ ପ୍ରତ୍ୟକ୍ଷ ସଂଯୋଜନାରେ ଏକ ୬ ଜଣିଆ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇ ଶିକ୍ଷକମାନଙ୍କର ବିଭିନ୍ନ ପ୍ରମାଣପତ୍ରର ସୂକ୍ଷ୍ମ ଯାଞ୍ଚ କରାଯାଉଥିଲା। ଏହି ଯାଞ୍ଚ ପ୍ରକ୍ରିୟାରେ ଶିକ୍ଷକମାନଙ୍କର ସମ୍ପୂର୍ଣ୍ଣ ବ୍ୟକ୍ତିଗତ ତଥ୍ୟ, ଶିକ୍ଷାଗତ ଯୋଗ୍ୟତା, ଓଟିଇଟି ପ୍ରମାଣପତ୍ର ଏବଂ ସେମାନଙ୍କ ବିରୋଧରେ କୌଣସି ଅପରାଧିକ ମାମଲା ରହିଛି କି ନାହିଁ, ସେସବୁର ଦସ୍ତାବିଜ୍‌କୁ ଯାଞ୍ଚ କରାଯାଇଥିଲା। ମିଳିଥିବା ସୂଚନା ଅନୁଯାୟୀ, ଓଟିଇଟି ବର୍ଗ-୧ (+୨ କଳା ଓ ବିଜ୍ଞାନ)ରେ ୯୪ ଜଣ, ଓଟିଇଟି ବର୍ଗ-୨ (କଳା ଓ ବିଜ୍ଞାନ)ରେ ୧୦୮ ଜଣ, ପ୍ରଥମ ବର୍ଗ (+୨ ସିଟି)ରେ ୩୯ ଜଣ, ଦ୍ୱିତୀୟ ବର୍ଗ (+୩ ବିଜ୍ଞାନ, ସିଟି ଓ ବିଇଡି)ରେ ୪ ଜଣ, ତୃତୀୟ ବର୍ଗ (+୩ କଳା, ସିଟି ଓ ବିଇଡି) ରେ ୨୬ ଜଣ, ପ୍ରାଥମିକ ସ୍କୁଲ ପ୍ରଧାନଶିକ୍ଷକ ପଦବୀ ପାଇଁ ୨୦ ଜଣ, ଗ୍ରାଜୁଏଟ୍ ଶିକ୍ଷକ ପାଇଁ ୪୮ ଜଣ ଏବଂ ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ପଦବୀକୁ ପଦୋନ୍ନତି ପାଇଁ ୧୩ ଜଣ ଶିକ୍ଷକଙ୍କ ରେକର୍ଡ ଯାଞ୍ଚ କରାଯାଇଛି। ତେବେ ତଦନ୍ତ ବେଳେ ଜଣାପଡ଼ିଛି ଯେ, ବ୍ଲକର ଅନେକ ଶିକ୍ଷକ ଶିକ୍ଷା ବିଭାଗର ଆନୁଷ୍ଠାନିକ ଅନୁମତି ବିନା ବେଆଇନ ଭାବେ ଉଚ୍ଚ ଶିକ୍ଷା ଗ୍ରହଣ କରିଛନ୍ତି। ସେହିପରି କିଛି ଶିକ୍ଷକଙ୍କର ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ନ ଥାଇ ମଧ୍ୟ ସେମାନେ ଓଟିଇଟି ପରୀକ୍ଷା ଦେଇ ପାସ୍ କରିଥିବା ଭଳି ସାଙ୍ଘାତିକ ତଥ୍ୟ ସାମ୍ନାକୁ ଆସିଛି। ଯଦି କୌଣସି ଶିକ୍ଷକ ନିଜ ଦସ୍ତାବିଜ୍‌ରେ ମିଥ୍ୟା ତଥ୍ୟ ପ୍ରଦାନ କରିଛନ୍ତି, ତେବେ ସେମାନଙ୍କ ବିରୋଧରେ କଠୋର ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି। ଏହାଛଡ଼ା ନିଶ୍ଚିନ୍ତକୋଇଲି ବ୍ଲକରେ କାର୍ଯ୍ୟରତ ଥିବା ବହୁ ଜାଲ୍ ଶିକ୍ଷକଙ୍କୁ ଏହି ପ୍ରକ୍ରିୟା ଜରିଆରେ ଚିହ୍ନଟ କରି ସେମାନଙ୍କୁ ଚାକିରିରୁ ବହିଷ୍କାର କରିବା ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଜୋରଦାର ଦାବି ହେଉଛି।

## କୂଅରୁ ବୃଦ୍ଧଙ୍କୁ ଉଦ୍ଧାର କଲା ଅଗ୍ନିଶମ ବାହିନୀ



କଣ୍ଠାପଡ଼ା, ୯।୬(ସମିସ): କଟକ ଜିଲ୍ଲା କଣ୍ଠାପଡ଼ା ବ୍ଲକ ଓଲଟପୁର ଥାନା ଅନ୍ତର୍ଗତ ବାଇରୋଇ ଗ୍ରାମରେ ଗତକାଲି ସକାଳେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଘର ଭିତରେ ଥିବା ଏକ କୂଅ ନିକଟରେ ବସିଥିବା ବେଳେ ଅସାବଧାନତାବଶତଃ ଜଣେ ୬୬ ବର୍ଷୀୟ ବୃଦ୍ଧ କୂଅ ଭିତରକୁ ଖସି ପଡ଼ିଥିଲେ। ମୃତ୍ୟୁ ମୁଖରୁ ତାଙ୍କୁ ଅଡ଼ଶପୁର ଅଗ୍ନିଶମ ବିଭାଗର କର୍ମଚାରୀମାନେ ସଫଳତାର ସହ ଉଦ୍ଧାର କରିଛନ୍ତି। ଉଦ୍ଧାର ହୋଇଥିବା ବୃଦ୍ଧ ଜଣକ ହେଉଛନ୍ତି ସ୍ଥାନୀୟ ଗ୍ରାମର ଦେବେନ୍ଦ୍ର ବେହେରା। ସୂଚନା ମୁତାବକ, ଗତକାଲି ସକାଳ ସମୟରେ ଦେବେନ୍ଦ୍ର ଓ ତାଙ୍କର ଜଣେ ବନ୍ଧୁ ଘର ଭିତରେ ଥିବା କୂଅ ପାଖରେ ବସି ଆଳାପ କରୁଥିଲେ। ଏହି ସମୟରେ ହଠାତ୍ ଗୋଡ଼ ଖସିଯିବାରୁ ଦେବେନ୍ଦ୍ର ଭାରସାମ୍ୟ ହରାଇ କୂଅ ମଧ୍ୟକୁ ଗଳି ପଡ଼ିଥିଲେ। ଏହା ଦେଖି ପରିବାର ଲୋକେ ଆତଙ୍କିତ ହୋଇପଡ଼ିବା ସହ ତୁରନ୍ତ ଅଡ଼ଶପୁର ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ବିଭାଗର ଏସଓ ଅଶୋକ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଏକ ଦକ୍ଷ ଉଦ୍ଧାରକାରୀ ଦଳ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଅଭିଯାନ ଆରମ୍ଭ କରିଥିଲେ। କୂଅ ଭିତରେ ପାଣି ଓ ଗଭୀରତା ଯୋଗୁଁ ଦେବେନ୍ଦ୍ର ଶ୍ୱାସରୁଦ୍ଧ ହୋଇ ସଂଜ୍ଞାହୀନ ହେବାକୁ ବସିଥିଲେ। ଅଗ୍ନିଶମ ବାହିନୀର କର୍ମଚାରୀ ହରେକୃଷ୍ଣ ମହାପାତ୍ର, ମୁକେଶ ମହାପାତ୍ର, ନିରଞ୍ଜନ ସ୍ୱାଇଁ, ରାଜକିଶୋର କାଣ୍ଡି, ବଦ୍ରିନାରାୟଣ ମଲ୍ଲ, ଅବିନାଶ ବେହେରା, ମାନସ ରଞ୍ଜନ ମଲ୍ଲିକ ଓ ଗୋପି ସାହୁଙ୍କ ସମେତ ସମଗ୍ର ଟିମ୍ ଦୀର୍ଘ ଦେଢ଼ ଘଣ୍ଟାର ଅକ୍ଳାନ୍ତ ପରିଶ୍ରମ ଓ କୌଶଳ ପ୍ରୟୋଗ କରି ଦେବେନ୍ଦ୍ରଙ୍କୁ ସୁରକ୍ଷିତ ଭାବେ କୂଅରୁ ବାହାରକୁ ଆଣିବାରେ ସଫଳ ହୋଇଥିଲେ। ଉଦ୍ଧାର ପରେ ତୁରନ୍ତ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଅଡ଼ଶପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ପଠାଯାଇଥିଲା। ବର୍ତ୍ତମାନ ସେଠାରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ନେଇ ଚିକିତ୍ସା କରୁଥିବା ଡାକ୍ତର ସୂଚନା ଦେଇଛନ୍ତି।

# ଦୀକ୍ଷିତପଡ଼ାରେ ଭୟାବହ ଅଗ୍ନିକାଣ୍ଡ

## ୪ ବଖରା ଘର ଭସ୍ମିଭୂତ, ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ

**ନିଶ୍ଚିନ୍ତକୋଇଲି, ୯।୬(ସମିସ):** ନିଶ୍ଚିନ୍ତକୋଇଲି ତହସିଲ ଅନ୍ତର୍ଗତ ଅସୁରେଶ୍ୱର ପଞ୍ଚାୟତ ଦୀକ୍ଷିତପଡ଼ା ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ଚାରି ବଖରା ଚାଳଛପର ଘର ସମ୍ପୂର୍ଣ୍ଣ ଭସ୍ମିଭୂତ ହୋଇଯାଇଛି। ଅଗ୍ନିକାଣ୍ଡରେ ବିପନ୍ନ ପରିବାରମାନଙ୍କର ସର୍ବସ୍ୱ ପୋଡ଼ି ପାଉଁଶ ହୋଇଯାଇଥିବା ବେଳେ ଲକ୍ଷାଧିକ ଟଙ୍କାର ଧନସମ୍ପତ୍ତି ନଷ୍ଟ ହୋଇଛି। ସୂଚନା ଅନୁଯାୟୀ, ସୋମବାର ରାତିରେ ଦୀକ୍ଷିତପଡ଼ା ଗ୍ରାମର ହଳଧର ସେଠୀ, ଜଳଧର ସେଠୀ, ସୁରେନ୍ଦ୍ର ସେଠୀ ଓ ଧୂଳ ସେଠୀଙ୍କ ପରିବାର ରାତିରେ ଖାଇପିଇ ଶୋଇଥିଲେ। ତେବେ ବିଳମ୍ବିତ ରାତିରେ ହଠାତ୍ କୌଣସି କାରଣରୁ ଘରେ ନିଆଁ ଲାଗିଯାଇଥିଲା। ନିଆଁର ପ୍ରକୋପ ଏତେ ଭୟଙ୍କର ଥିଲା ଯେ ଏହା ଅତି କମ ସମୟ ମଧ୍ୟରେ ୪ ପରିବାରର ୪ ବଖରା ଚାଳଘରକୁ ଜାଳି ପୋଡ଼ି ଦେବା ସହ ଘରେ ଗଚ୍ଛିତ ଥିବା ବର୍ଷକର ଆହାର ଧାନ, ଚାଉଳ, ମୁଗ, ବିରି ସମେତ ଲୁଗାପଟା ଓ ସମସ୍ତ ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି। ଖବର ପାଇ ନିଶ୍ଚିନ୍ତକୋଇଲି, ସାଲେପୁର ଏବଂ ଡେରାବିଶ ଅଞ୍ଚଳର ଅଗ୍ନିଶମ ବିଭାଗ କର୍ମଚାରୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ନିଆଁକୁ ସମ୍ପୂର୍ଣ୍ଣ ଆୟତ କରିବାରେ ସଫଳ ହୋଇଥିଲେ, ଫଳରେ ଏକ ବଡ଼ ଦୁର୍ଘଟଣା ଏବଂ ଅନ୍ୟ ଘରଗୁଡ଼ିକ ପୋଡ଼ିବାରୁ ରକ୍ଷା ପାଇଯାଇଥିଲା। ଏହି ଦୁଃଖଦ ଖବର ପାଇବା ପରେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ତୁରନ୍ତ ଦୀକ୍ଷିତପଡ଼ା ଗ୍ରାମରେ ପହଞ୍ଚି ଅଗ୍ନିବିପନ୍ନ ପରିବାରଙ୍କୁ ସମବେଦନା ଜଣାଇବା ସହ ସେମାନଙ୍କୁ ତୁରନ୍ତ ଆବଶ୍ୟକୀୟ ଶୁଖିଲା ଖାଦ୍ୟ ଓ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଏଥିସହ ସରକାରଙ୍କ ତରଫରୁ ସମସ୍ତ ଅଗ୍ନିବିପନ୍ନଙ୍କୁ ଯଥାଶୀଘ୍ର ପଲିଥିନ ଓ ସରକାରୀ ସହାୟତା ଯୋଗାଇ ଦେବାକୁ ସେ ସ୍ଥାନୀୟ ପ୍ରଶାସନ ଓ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



## ସମସ୍ୟା ଘେରରେ ମାହାଙ୍ଗା ଓଡ଼ିଶା ଆଦର୍ଶ ବିଦ୍ୟାଳୟ

# ଛାତରୁ ଗଳୁଛି ପାଣି, ୪ଟି ଯାକ ଶୌଚାଳୟ ଅଚଳ

**ଭଦ୍ରେଶ୍ୱର, ୯।୬(ସମିସ)**

ରାଜ୍ୟ ସରକାର ସରକାରୀ ଶିକ୍ଷାର ମାନ ବୃଦ୍ଧି ଓ ସୁଦୃଢ଼ ଭିତ୍ତିଭୂମି ପାଇଁ "ଓଡ଼ିଶା ଆଦର୍ଶ ବିଦ୍ୟାଳୟ' (ଓଏଭି) ପ୍ରତିଷ୍ଠା କରିଥିବା ବେଳେ, ମାହାଙ୍ଗା ବ୍ଲକରୁ ଆସିଥିବା ଏକ ଚିନ୍ତାଜନକ ଚିତ୍ର ଏହି ଦାବିର ଅସଲ ଗୁମର ଖୋଲିଦେଇଛି। ମାହାଙ୍ଗା ବ୍ଲକ ଓଷଙ୍ଗ ଗ୍ରାମପଞ୍ଚାୟତ ଅନ୍ତର୍ଗତ କଉଡକୋଲା ଠାରେ ଗତ ୨୦୧୯ ମସିହାରେ ସ୍ଥାପିତ ହୋଇଥିବା ଆଦର୍ଶ ବିଦ୍ୟାଳୟଟି ଦୀର୍ଘ ଦିନ ହେଲା ନାନା ଭିତ୍ତିଭୂମିଗତ ସମସ୍ୟା ଭିତରେ ସନ୍ତୁଳିତ ହେଉଥିଲେ ହେଁ ପ୍ରଶାସନ ପକ୍ଷରୁ କୌଣସି ପ୍ରତିକାର କରାଯାଉ ନାହିଁ। ବିଦ୍ୟାଳୟରେ ଷଷ୍ଠରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୪୦୦ରୁ ଊର୍ଦ୍ଧ୍ୱ ମେଧାବୀ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ବର୍ତ୍ତମାନ ଏହାର ଗୃହଗୁଡ଼ିକର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ସାମାନ୍ୟ ବର୍ଷା ହେଲେ ଶ୍ରେଣୀ ଗୃହର ଛାତରୁ ପ୍ରବଳ ପାଣି ଝରୁଛି, କବାଟ-ଝରକା ସବୁ ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଗଲାଣି ଏବଂ ବିଦ୍ୟାଳୟ କାନ୍ଥରୁ ବାଲି-ସିମେଣ୍ଟ ପଲସ୍ତରା ଛାଡ଼ି ବିପଦଜନକ ସ୍ଥିତି ସୃଷ୍ଟି ହୋଇଛି। ସରକାରୀ ପାଣ୍ଠିରୁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ହୋଇଥିବା ରଙ୍ଗ ଛାଡ଼ି ବିଦ୍ୟାଳୟର ସୌନ୍ଦର୍ଯ୍ୟ ନଷ୍ଟ ହୋଇସାରିଥିବା ବେଳେ ଟିକିଏ ବର୍ଷା ହେଲେ ସମ୍ପୂର୍ଣ୍ଣ କ୍ୟାମ୍ପସ ପାଣିଘେରରେ ରହୁଛି, ଯାହାଫଳରେ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀମାନେ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ସବୁଠାରୁ ଉଦ୍‌ବେଗର ବିଷୟ ହେଉଛି, ବିଦ୍ୟାଳୟର ସମସ୍ତ ୪ଟି ଯାକ ଶୌଚାଳୟ ଦୀର୍ଘ ଦିନ ଧରି ସମ୍ପୂର୍ଣ୍ଣ ଅଚଳ ଓ ଅବ୍ୟବହୃତ ହୋଇ ପଡ଼ିରହିଛି। ଏଗୁଡ଼ିକୁ ସଫା କରାଯାଉ ନ ଥିବା କାରଣରୁ ଗତ ବର୍ଷ ପ୍ରାୟ ୧୦୦ରୁ ଅଧିକ ଛାତ୍ରଛାତ୍ରୀ ପରିସ୍ରା ଜନିତ ସଂକ୍ରମଣ ଭଳି ଗୁରୁତର ରୋଗରେ ଆକ୍ରାନ୍ତ ହୋଇଥିବା ଘଟଣା ଅଞ୍ଚଳରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି। ସେହିପରି ସରକାର ଶାରୀରିକ ଶିକ୍ଷା ଓ କ୍ରୀଡ଼ା ଉପରେ ଜୋର ଦେଉଥିବା ବେଳେ, ବିଦ୍ୟାଳୟର ଖେଳ ପଡ଼ିଆଟି ଏବେ ପାଣିରେ ବୁଡ଼ି ରହି ଏକ ପୋଖରୀର ଭ୍ରମ ସୃଷ୍ଟି କରୁଛି। ଚତୁଃପାଶ୍ୱର୍ରେ ସୁରକ୍ଷା ପାଚେରୀ ନ ଥିବାରୁ ବୁଲା ଗାଈଗୋରୁ ଓ ଛେଳିମେଣ୍ଢା ଅବାଧରେ ବିଦ୍ୟାଳୟ ପରିସରକୁ ପ୍ରବେଶ କରି ଶିକ୍ଷାଦାନରେ ବାଧା ସୃଷ୍ଟି କରୁଛନ୍ତି।



### ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନ ଚେତାବନୀ

ଏହିସବୁ ସମସ୍ୟା ନେଇ ବିଦ୍ୟାଳୟ ପରିଚାଳନା କମିଟି ତରଫରୁ ବାରମ୍ବାର ଲିଖିତ ଭାବେ ବିଭାଗୀୟ ଉଚ୍ଚ ପଦାଧିକାରୀଙ୍କୁ ଗୁହାରି କରାଯାଇଥିଲେ ହେଁ, ପ୍ରଶାସନିକସ୍ତରରେ ଘୋର ଆନ୍ତରିକତାର ଅଭାବ ଦେଖିବାକୁ ମିଳିଛି। ତେଣୁ ପ୍ରଶାସନ ତୁରନ୍ତ ଏହାର ସ୍ଥାୟୀ ପ୍ରତିକାର ନ କଲେ ଆଗାମୀ ଦିନରେ ଅଭିଭାବକ ଓ ସ୍ଥାନୀୟ ଜନସାଧାରଣ ଏକ ବିଶାଳ ଗଣ ଆନ୍ଦୋଳନର ପନ୍ଥା ଆପଣାଇବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି।

# ନିଶ୍ଚିନ୍ତକୋଇଲିର ଦୁଇ ସାମ୍ବାଦିକଙ୍କୁ ମରଣାନ୍ତକ ଆକ୍ରମଣ

## ଖବର ସଂଗ୍ରହ ବେଳେ ଗାଡ଼ି ଚଢ଼ାଇ ଦେବାକୁ ଉଦ୍ୟମ

## ଲୁହାରଡ଼ ଓ ଲାଠିରେ ପିଟିଲେ ଦୁର୍ବୃତ୍ତ; ଜଣେ ଗୁରୁତର

**ନିଶ୍ଚିନ୍ତକୋଇଲି, ୯।୬(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ନରେନ୍ଦ୍ରପୁର ଗ୍ରାମପଞ୍ଚାୟତ ଗଡ଼ିଜଙ୍ଗଠାରେ କାର୍ଯ୍ୟରତ ଦୁଇଜଣ ସାମ୍ବାଦିକଙ୍କ ଉପରେ ସଂଘବଦ୍ଧ ଭାବେ ପ୍ରାଣାନ୍ତକ ଆକ୍ରମଣ କରାଯାଇଥିବା ଘଟଣା ସାମ୍ନାକୁ ଆସିଛି। ଲୁହାରଡ଼ ଓ ମାରଣାସ୍ତ୍ର ସାହାଯ୍ୟରେ ହୋଇଥିବା ଏହି ଆକ୍ରମଣରେ ଜଣେ ସାମ୍ବାଦିକ ଗୁରୁତର ହୋଇ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ ହୋଇଥିବା ବେଳେ ଅନ୍ୟଜଣେ ସ୍ଥାନୀୟ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଏହି ଘଟଣା ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳ ତଥା ସମଗ୍ର ସାମ୍ବାଦିକ ମହଲରେ ତୀବ୍ର ଉତ୍ତେଜନା ଓ ଅସନ୍ତୋଷ ପ୍ରକାଶ ପାଇଛି। ଦୋଷୀମାନଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଦୃଢ଼ ଦାବି ହେଉଛି। ମିଳିଥିବା ସୂଚନା ମୁତାବକ, ମାହାଙ୍ଗା ବ୍ଲକ ଗୋପାଳପୁର ପଞ୍ଚାୟତ ବେଗୁନିଆଁପଦା ଗ୍ରାମର ଲକ୍ଷ୍ମଣ କୁମାର ଦାସ "କଳିଙ୍ଗ ନ୍ୟୁଜ୍' ଚ୍ୟାନେଲର ସାଲେପୁର ପ୍ରତିନିଧି ଏବଂ କୁରୁଜଙ୍ଗା ପଞ୍ଚାୟତ ସବଳକଣା ଗ୍ରାମର ସଞ୍ଜୟ କୁମାର ବେହେରା (ପିଣ୍ଟୁ) "ଓଡ଼ିଶା ଭାସ୍କର'ର ନିଶ୍ଚିନ୍ତକୋଇଲି ପ୍ରତିନିଧି ଭାବେ କାର୍ଯ୍ୟ କରନ୍ତି। ମଙ୍ଗଳବାର ଅପରାହ୍ନରେ ଏହି ଦୁଇ ଯୁବ ସାମ୍ବାଦିକ ଏକ ମୋଟର ସାଇକଲ ଯୋଗେ ନରେନ୍ଦ୍ରପୁର ଅଞ୍ଚଳକୁ ଖବର ସଂଗ୍ରହ ପାଇଁ ଯାଇଥିଲେ। ତେବେ ପୂର୍ବ ଯୋଜନା ମୁତାବକ ଏକ କାର୍‌ରେ ୫ରୁ ୬ ଜଣ ସଶସ୍ତ୍ର ଅଜଣା ଦୁର୍ବୃତ୍ତ ସେମାନଙ୍କ ପିଛା କରିଥିଲେ ଏବଂ ଗଡ଼ିଜଙ୍ଗଠାରେ ସାମ୍ବାଦିକଙ୍କ ବାଇକ୍ ଆଗରେ କାର୍ ରଖି ରାସ୍ତା ଅବରୋଧ କରିଥିଲେ। ସାମ୍ବାଦିକ ଦ୍ୱୟ ଗାଡ଼ିରୁ ଓହ୍ଲାଇବା ମାତ୍ରେ ଦୁର୍ବୃତ୍ତମାନେ ପ୍ରଥମେ ଲକ୍ଷ୍ମଣଙ୍କ ଉପରେ କାର୍ ଚଢ଼ାଇ ଜୀବନରୁ ମାରିଦେବାକୁ ଚେଷ୍ଟା କରିଥିଲେ। ମାତ୍ର ସେ ଜୀବନ ବିକଳରେ ରାସ୍ତାକଡ଼ କେନାଲ ଭିତରକୁ ଡେଇଁ ପଡ଼ିଥିଲେ। ଏହା ପରେ ମଧ୍ୟ ଦୁର୍ବୃତ୍ତମାନେ କେନାଲ ଭିତରକୁ ପଶି ଲୁହାରଡ଼ ଓ ଲାଠି ସାହାଯ୍ୟରେ ଉଭୟଙ୍କୁ ନିର୍ମମ ଭାବେ ପିଟିଥିଲେ। ସାମ୍ବାଦିକଙ୍କ ଚିତ୍କାର ଶୁଣି ସ୍ଥାନୀୟ ଗ୍ରାମବାସୀ ଘଟଣାସ୍ଥଳ ଆଡ଼କୁ ଦୌଡ଼ି ଆସିବାରୁ ଦୁର୍ବୃତ୍ତମାନେ କାର୍ ଯୋଗେ ସେଠାରୁ ଚମ୍ପଟ ମାରିଥିଲେ। ଗ୍ରାମବାସୀ ତୁରନ୍ତ ଉଭୟଙ୍କୁ ଉଦ୍ଧାର କରି ନରେନ୍ଦ୍ରପୁର ଫାଣ୍ଡି ପୁଲିସ ସହାୟତାରେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତେବେ ଲକ୍ଷ୍ମଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି ଏବଂ ସଞ୍ଜୟ ନିଶ୍ଚିନ୍ତକୋଇଲି ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ପୁଲିସ ଏହି ଘଟଣାର ମାମଲା ରୁଜୁ କରି ଫେରାର ଅଭିଯୁକ୍ତ ଓ କାର୍‌ର ସନ୍ଧାନ ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଥିବା ଜଣାପଡ଼ିଛି।



# ଜୟ ଶ୍ରୀଜଗନ୍ନାଥ ସେବା ସଂସ୍ଥା ପକ୍ଷରୁ ସରବତ ବଣ୍ଟନ



**ତିଗିରିଆ, ୯।୬(ସମିସ):** ତିଗିରିଆ ବ୍ଲକ ବିନ୍ଧାଣିମା ଅଞ୍ଚଳର ସାମାଜିକ ଅନୁଷ୍ଠାନ "ଜୟ ଶ୍ରୀ ଜଗନ୍ନାଥ ସେବା ସଂସ୍ଥା' ତରଫରୁ ମଙ୍ଗଳବାର ବିନ୍ଧାଣିମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଶତାଧିକ ଲୋକଙ୍କୁ ମାଗଣାରେ ଦହି ପାଣି ଏବଂ ଲେମ୍ବୁ ପାଣି ବଣ୍ଟନ କରାଯାଇଛି। ଏହି ସେବା କାର୍ଯ୍ୟକ୍ରମରେ ବିନ୍ଧାଣିମା ଅଞ୍ଚଳର ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଭାଗିରଥି ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସଂସ୍ଥାର ମୁଖ୍ୟ ପରିଚାଳକ ତଥା ସମାଜସେବୀ ଦାସ ଭାଗିରଥି ସାହୁ ଏବଂ ସହ ପରିଚାଳକ ଦାସ ମାୟାଧର ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିର ପରିଚାଳିତ ହୋଇଥିଲା। ଏହି ସେବା କାର୍ଯ୍ୟରେ ଅନୁଷ୍ଠାନର ସଦସ୍ୟ ମନୋଜ ସାହୁ, ପ୍ରତିଜ୍ଞା ରାଉତ, ମିଟୁ ବାରିକ, ଦୀପକ ବାରିକ, ରଞ୍ଜନ ରଣା, ବିଶ୍ୱନାଥ ବେହେରା, ଉତ୍ତମ ବାରିକ, ସନ୍ତୋଷ ବେହେରା, ଗିତୁନା ବେହେରା, ବାବୁଲି ବେହେରା, ମନୋଜ ପଟ୍ଟନାୟକ, ଦିପୁ ସେନାପତି, କାଳିଆ ସ୍ୱାଇଁ, ଲଣ୍ଡା ସାହୁ, ପପୁ ସାହୁ, ଲୁଲୁ ସାହୁ, ଶ୍ରୀଧର ମେହେଣା, ସୁଶାନ୍ତ ବେହେରା, ପ୍ରଶାନ୍ତ ବେହେରା, ମନ୍ମଥ ଶତପଥୀ ଏବଂ କିଶୋର ବଳ ପ୍ରମୁଖ ସହଯୋଗ କରିଥିଲେ।

# ବିଧାୟକଙ୍କ କଟରପଡ଼ା ପଞ୍ଚାୟତ ଗସ୍ତ

**ନିଶ୍ଚିନ୍ତକୋଇଲି, ୯।୬(ସମିସ):** ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ମଙ୍ଗଳବାର ନିଶ୍ଚିନ୍ତକୋଇଲି ବ୍ଲକର କଟରପଡ଼ା ପଞ୍ଚାୟତ ଗସ୍ତ କରି ଲୋକଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି। ବିଗତ ଦୁଇ ବର୍ଷରେ ଏହି ପଞ୍ଚାୟତରେ ୮୬ ଲକ୍ଷ ଟଙ୍କାର ଉନ୍ନୟନ କାର୍ଯ୍ୟ ଶେଷ ହୋଇଥିବା ବେଳେ ବାକି ରହିଥିବା ସମସ୍ୟାର ସମାଧାନ ପାଇଁ ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି। ସେ କଟରପଡ଼ା, ପିଠାପଡ଼ା, ମୁରଦାବାଦ ଆଦି ଗ୍ରାମରେ ବୁଲି ରୋଗୀ ଓ ବୃଦ୍ଧବୃଦ୍ଧାଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହ ତୁରନ୍ତ ହିତାଧିକାରୀଙ୍କୁ ଭତ୍ତା, ରେସନ କାର୍ଡ ଏବଂ ପାନୀୟ ଜଳ ଯୋଗାଇବାକୁ ପ୍ରଶାସନିକ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



# ମହମ୍ମଦପୁର ପଞ୍ଚାୟତରେ କଲ୍ୟାଣ ମଣ୍ଡପ ଉଦ୍‌ଘାଟିତ



**ନିଶ୍ଚିନ୍ତକୋଇଲି, ୯।୬(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ମହମ୍ମଦପୁର ପଞ୍ଚାୟତରେ ନୂତନ ଭାବେ ନିର୍ମିତ କଲ୍ୟାଣ ମଣ୍ଡପ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ପୂର୍ବତନ ସରପଞ୍ଚ ସରୋଜ ବେହେରାଙ୍କ ସଂଯୋଜନା ଓ ବିଡିଓ ଦ୍ୱିବେନ୍ଦୁ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ସାଂସଦ ଭର୍ତ୍ତୃହରି ମହତାବ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଧାୟକ ଇଂ. ପ୍ରକାଶ ସେଠୀ, ଜିଲ୍ଲା ପ୍ରକଳ୍ପ ଅଧିକାରୀ ପ୍ରଶାନ୍ତ ନାୟକ ଓ ସରପଞ୍ଚ ପ୍ରତିଭା ବେହେରାଙ୍କ ସମେତ ଅନେକ ଜନପ୍ରତିନିଧି ଉପସ୍ଥିତ ଥିଲେ। ପ୍ରିୟବ୍ରତ ମହାନ୍ତି ଧନ୍ୟବାଦ ଦେଇଥିଲେ।

# 'ମା'ପାଇଁ ଗଛଟିଏ' କାର୍ଯ୍ୟକ୍ରମ



**ସାଲେପୁର, ୯।୬(ସମିସ):** ସାଲେପୁର ଏସ୍‌ଡିପିଓଙ୍କ କାର୍ଯ୍ୟାଳୟ ପରିସରରେ 'ମା'ପାଇଁ ଗଛଟିଏ' ବୃକ୍ଷରୋପଣ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। କଟକ ଜିଲ୍ଲା ଗ୍ରାମୀଣ ବିଜେପି ଉପସଭାପତି ହିମାଂଶୁ ମହାନ୍ତିଙ୍କ ନେତୃତ୍ୱରେ ଆୟୋଜିତ ଏହି ଅଭିଯାନରେ ବ୍ୟାପକ ଚାରାରୋପଣ କରାଯାଇଥିଲା। ମଣ୍ଡଳ ସଭାପତି ଅସିତ୍ ମହାନ୍ତି, ସନ୍ଧ୍ୟାରାଣୀ ଶତପଥି ଓ ରେଣୁବାଳା ରାଉତଙ୍କ ସମେତ ବହୁ ବିଜେପି ନେତା ଓ ମହିଳା କର୍ମୀ ଉପସ୍ଥିତ ଥିଲେ।

# ଗ୍ରୀଷ୍ମକାଳୀନ ଭଲିବଲ୍ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



**ନିଶ୍ଚିନ୍ତକୋଇଲି, ୯।୬(ସମିସ):** ନେମାଳର ମହାପୁରୁଷ ଅଚ୍ୟୁତାନନ୍ଦ ଆଥଲେଟିକ୍ ଆସୋସିଏସନ ପକ୍ଷରୁ ଆୟୋଜିତ ଜୁନିୟର ଓ ସବ୍‌ଜୁନିୟର ଭଲିବଲ୍ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଜାତୀୟ କ୍ରୀଡ଼ାବିତ୍ ଶିବନାରାୟଣ ତ୍ରିପାଠୀ ପିଲାମାନଙ୍କୁ ଭଲିବଲ୍‌ର କଳାକୌଶଳ ଶିଖାଇଥିଲେ। ସଙ୍ଗଠକ ନରେନ୍ଦ୍ର ଗୋଛାୟତଙ୍କ ସଂଯୋଜନାରେ ଆୟୋଜିତ ଉଦ୍‌ଯାପନୀ ସଭାରେ କେନ୍ଦ୍ର ସରକାରଙ୍କ "ମାଇଁ ଭାରତ' ଓଡ଼ିଶା ଶାଖାର ନିର୍ଦ୍ଦେଶକ ଅଶୋକ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗ୍ରାମୀଣ ପ୍ରତିଭାର ବିକାଶ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ କୃତୀ ଖେଳାଳିମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ଆଠଗଡ଼ ବନଖଣ୍ଡରେ ନୂତନ ଡିଏଫ୍‌ଓଙ୍କ ଯୋଗଦାନ

**ଆଠଗଡ଼, ୯।୬(ସମିସ):** ଆଠଗଡ଼ ବନଖଣ୍ଡ କାର୍ଯ୍ୟାଳୟରେ ଦୀର୍ଘ ଦିନ ପରେ ନୂତନ ବନଖଣ୍ଡ ଅଧିକାରୀ (ଡିଏଫଓ) ଭାବେ ଅନୁରାଗ ମିଶ୍ର ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବତନ ଅଧିକାରୀ ଯଜ୍ଞଦତ୍ତ ପତିଙ୍କ ପଦୋନ୍ନତି ପରେ ଏହି ପଦ ଖାଲି ଥିଲା ଏବଂ ଏସିଏଫ୍ ଲିପିଲିଛି ବିଶ୍ୱାଳ ଏହାର ଭାରପ୍ରାପ୍ତ ଦାୟିତ୍ୱରେ ଥିଲେ। ହାତୀ ମୃତ୍ୟୁ ପାଇଁ ଚର୍ଚ୍ଚାରେ ଥିବା ଆଠଗଡ଼ ବନଖଣ୍ଡର ବନ୍ୟପ୍ରାଣୀ ସୁରକ୍ଷା ସହ ବିଭିନ୍ନ ସମସ୍ୟାର ତୁରନ୍ତ ସମାଧାନ ପାଇଁ ସେ ନିଷ୍ଠାର ସହ କାର୍ଯ୍ୟ କରିବେ ବୋଲି ନୂତନ ଡିଏଫ୍‌ଓ ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି।



# ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ସାମିଲ ପାଇଁ ବିଧାୟକଙ୍କ ଆବେଦନ



**ନିଶ୍ଚିନ୍ତକୋଇଲି, ୯।୬(ସମିସ):** ପ୍ରାଣୀ ସମ୍ପଦ ବିକାଶ ଯୋଜନା ଅଧୀନରେ ଥିବା 'ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା'ରେ ସାମିଲ ହେବା ପାଇଁ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଆବେଦନ କରିଛନ୍ତି। ଏକ ସୁଦୃଢ଼ ଓ ଆଧୁନିକ ଡାଏରୀ ଫାର୍ମ ପ୍ରତିଷ୍ଠା ନିମନ୍ତେ ସେ 'ଗୋସୁଗମ' ପୋର୍ଟାଲ ଜରିଆରେ ଆବେଦନ କରି ନିଶ୍ଚିନ୍ତକୋଇଲି ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ପ୍ରକାଶ କୁମାର ବେଉରାଙ୍କୁ କାଗଜପତ୍ର ପ୍ରଦାନ କରିଛନ୍ତି। ଏହି ଯୋଜନାରେ ୧୫୦ରୁ ଅଧିକ ଗାଈ ପାଳନ ପାଇଁ ୫୦ ପ୍ରତିଶତ ସବସିଡି ସହ ୨ କୋଟି ୨୦ ଲକ୍ଷ ୭୫ ହଜାର ଟଙ୍କାର ଋଣ ବ୍ୟବସ୍ଥା ରହିଛି। ଅଞ୍ଚଳର ଯୁବକ ଯୁବତୀଙ୍କୁ ଗୋପାଳନ ମାଧ୍ୟମରେ ସ୍ୱାବଲମ୍ବୀ ହେବାକୁ ପ୍ରେରଣା ଦେବା ପାଇଁ ବିଧାୟକ ନିଜେ ଏହି ପଦକ୍ଷେପ ନେଇଥିବା ଜଣାପଡ଼ିଛି।

# ମା'ମଙ୍ଗଳା ମନ୍ଦିରର ରତ୍ନମୁଦ ଉତ୍ସବ

**ସାଲେପୁର, ୯।୬(ସମିସ):** ସାଲେପୁରର ଉତ୍ତର ବଟେଶ୍ୱର ଗ୍ରାମସ୍ଥିତ ମା'ମଙ୍ଗଳାଙ୍କ ନୂତନ ମନ୍ଦିରର ରତ୍ନମୁଦ ଉତ୍ସବ ଯଥାରୀତି ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଯୁବ ସମାଜସେବୀ ତଥା ସିଏ ଗୋଲଖ ଚନ୍ଦ୍ର ପରିଡ଼ାଙ୍କ ଆର୍ଥିକ ସହାୟତାରେ ନିର୍ମିତ ଏହି ମନ୍ଦିର ପରିସରରେ ଆଜି ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ହୋମଯଜ୍ଞ କରାଯାଇଥିଲା। ପ୍ରବଳ ଖରା ସତ୍ତ୍ୱେ ବହୁ ସଂଖ୍ୟାରେ ମହିଳା ଓ ପୁରୁଷ ଭକ୍ତ ରତ୍ନମୁଦ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମାଜସେବୀ ଅଲେଖ ଚନ୍ଦ୍ର ପରିଡ଼ାଙ୍କ ସମେତ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ମା'ଙ୍କ ଆଶୀର୍ବାଦ ଲାଭ କରିଥିଲେ।



## ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ୟା ସମାଧାନ ଦାବି

# ଜୁନ୍ ୧୨ରେ ୬ ଘଣ୍ଟିଆ 'ଅଖବନ୍ଦ ଚକବନ୍ଦ' ଆନ୍ଦୋଳନ

**ସାଲେପୁର, ୯।୬(ସମିସ)**

ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ଅମୀମାଂସିତ ସମସ୍ୟାର ସ୍ଥାୟୀ ସମାଧାନ ଦାବିରେ ସ୍ଥାନୀୟ ଅଞ୍ଚଳରେ ଜନଆନ୍ଦୋଳନ ତୀବ୍ର ହେବାରେ ଲାଗିଛି। ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ଥାୟୀ ଡାକ୍ତର ପଦବୀ ପୂରଣ ସହ ଭିତ୍ତିଭୂମିର ବିକାଶ ଦାବିରେ 'ସହରାଞ୍ଚଳ ବିକାଶ ପରିଷଦ' ନେତୃତ୍ୱରେ ଚଳିତ ମାସ ୧ ତାରିଖରୁ ୫ ତାରିଖ ପର୍ଯ୍ୟନ୍ତ ଦୀର୍ଘ ୫ ଦିନ ଧରି ମେଡିକାଲ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ଏହି ଆନ୍ଦୋଳନ ଫଳରେ ଜିଲ୍ଲା ପ୍ରଶାସନ ମାତ୍ର କେତେକ ଡାକ୍ତର ପଦବୀ ପୂରଣ କରିଥିଲେ ହେଁ, ସ୍ୱାସ୍ଥ୍ୟକେନ୍ଦ୍ରର ଅନ୍ୟାନ୍ୟ ଅନେକ ମୁଖ୍ୟ ସମସ୍ୟାର ସମାଧାନ ଦିଗରେ କୌଣସି ଆନ୍ତରିକତା ପ୍ରକାଶ କରିନାହିଁ। ଏହାର ପ୍ରତିବାଦରେ ଆସନ୍ତା ଜୁନ୍ ୧୨ ତାରିଖ ଶୁକ୍ରବାର ସାଲେପୁରରେ ଏକ ବ୍ୟାପକ 'ଅଖବନ୍ଦ ଚକବନ୍ଦ' ତଥା ରାସ୍ତାରୋକ ଆନ୍ଦୋଳନ କରାଯିବା ନେଇ ଆଜି ସ୍ଥାନୀୟ ମଧୁମଣ୍ଡପଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସହରାଞ୍ଚଳ ବିକାଶ ପରିଷଦର ଅଧ୍ୟକ୍ଷ ନନ୍ଦକିଶୋର ଭୂୟାଁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି କ୍ରମେ ଆଗାମୀ ୧୨ ତାରିଖ ସକାଳ ୭ଟାରୁ ଦିନ ୧ଟା ପର୍ଯ୍ୟନ୍ତ ଦୀର୍ଘ ୬ ଘଣ୍ଟା କାଳ ସାଲେପୁର ସମ୍ପୂର୍ଣ୍ଣ ନିରବ ରହିବ। ଏହି ସମୟରେ ସାଲେପୁର କଲେଜ ନିକଟ କେନ୍ଦ୍ରାପଡ଼ା କେନାଲବନ୍ଧ, କୁଆଁପାଳ ଛକ ଏବଂ ମାଛୁଆତି ଠାରେ ଜୋରଦାର ରାସ୍ତାରୋକ କରାଯିବ ବୋଲି ଶ୍ରୀ ଭୂୟାଁ ଘୋଷଣା କରିଛନ୍ତି। ଅନ୍ୟପକ୍ଷରେ, ଅଞ୍ଚଳର ଏହି ସମ୍ବେଦନଶୀଳ



### ସମର୍ଥନ କଲେ କଂଗ୍ରେସ, ବିଜେଡି ଓ ସିପିଆଇ

ସ୍ୱାସ୍ଥ୍ୟ ସମସ୍ୟାକୁ ସର୍ବଦଳୀୟ ସମର୍ଥନ ମିଳିଛି। ଜନସାଧାରଣଙ୍କ ସ୍ୱାର୍ଥ ରକ୍ଷା ପାଇଁ କଂଗ୍ରେସ, ବିଜେଡି ଏବଂ ସିପିଆଇ ଭଳି ପ୍ରମୁଖ ରାଜନୈତିକ ଦଳଗୁଡ଼ିକ ଏହି ୬ ଘଣ୍ଟିଆ ଅଖବନ୍ଦ ଚକବନ୍ଦ ଆନ୍ଦୋଳନକୁ ଖୋଲାଖୋଲି ଭାବେ ସମର୍ଥନ କରିବେ ବୋଲି ଆଜିର ପ୍ରସ୍ତୁତି ବୈଠକରେ ବିଧିବଦ୍ଧ ଭାବେ ସୂଚନା ଦେଇଛନ୍ତି। ଯଦି ପ୍ରଶାସନ ୧୨ ତାରିଖ ପୂର୍ବରୁ ସମସ୍ତ ସମସ୍ୟାର ସ୍ଥାୟୀ ପ୍ରତିକାର ନ କରେ, ତେବେ ଏହି ଆନ୍ଦୋଳନ ବ୍ୟାପକ ରୂପ ନେବ ବୋଲି ଚେତାବନୀ ଦିଆଯାଇଛି। ଆଜିର ଏହି ପ୍ରସ୍ତୁତି ସମାବେଶରେ ହରିବନ୍ଧୁ ଶତପଥି, ନବକିଶୋର କର, ଜ୍ଞାନରଞ୍ଜନ ପଟ୍ଟନାୟକ, କୈଳାସ ବେହେରା, ବିଭୁତିଭୂଷଣ ଦାଶ, ରାଜେଶ ମହାନ୍ତି, ରଣଜିତ୍ ଦାସ, ପବିତ୍ର ସାମଲ, ବିନୋଦ ମଲ୍ଲିକ, ଗୁଲରେଜ ଅଲ୍ଲି, ବାପୁ ସାହୁ, କମଳାକାନ୍ତ ସେଠୀ, ସୌମ୍ୟରଞ୍ଜନ ମଲ୍ଲ, ବଦ୍ରିନାରାୟଣ ସିଂହ ଏବଂ ସିତୁ କରଙ୍କ ସମେତ ଶତାଧିକ ସ୍ଥାନୀୟ ବୁଦ୍ଧିଜୀବୀ ଓ ଜନସାଧାରଣ ଉପସ୍ଥିତ ରହି ନିଜ ନିଜର ମତ ରଖିବା ସହ ଆନ୍ଦୋଳନକୁ ସଫଳ କରିବାକୁ ସଂକଳ୍ପ ନେଇଛନ୍ତି।

# ଚୌଦ୍ୱାର ଶିଶୁ ସଦନରେ ଯୋଗ ଶିକ୍ଷା କାର୍ଯ୍ୟକ୍ରମ



**ଚୌଦ୍ୱାର, ୯।୬(ସମିସ):** ଚୌଦ୍ୱାର ହିନ୍ଦ ସେବକ ସଂଘ ଦ୍ୱାରା ପରିଚାଳିତ ଶିଶୁ ସଦନରେ ଆଇଆଇଏମଇଉଏନ ସଂଗଠନ ପକ୍ଷରୁ ଏକ ଯୋଗ ଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୋଗ ପ୍ରଶିକ୍ଷକ ସୌନ୍ଦର୍ଯ୍ୟ ପୃଷ୍ଟି ଆଶ୍ରମର ୬୦ ଜଣ ଅନ୍ତେବାସୀଙ୍କୁ ଯୋଗଶିକ୍ଷା ପ୍ରଦାନ କରିଥିଲେ। ହିନ୍ଦ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଯୋଗର ଉପାଦେୟତା ସମ୍ପର୍କରେ କହିଥିବା ବେଳେ ଜଗତପୁର ଟ୍ରକ ମାଲିକ ସଂଘ ସଭାପତି ଏହାକୁ ଉଦ୍‌ଘାଟନ କରିଥିଲେ। କୁଳମଣି ବେହେରା ସମ୍ମାନିତ ଅତିଥିଭାବେ ଯୋଗଦେଇ ଥିଲେ। ଆୟୁଷ ବେହେରା ଓ ଆୟୁଷ୍ମାନ ଏହାକୁ ପରିଚାଳନା କରିଥିଲେ। ଆସନ୍ତା ୨୧ ତାରିଖ ବିଶ୍ୱ ଯୋଗ ଦିବସ ଉପଲକ୍ଷେ ବିଭିନ୍ନ ସ୍ଥାନରେ ଏଭଳି ଶିବିର ହେବ ବୋଲି ସୂଚନା ମିଳିଛି।

